ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶନିବାର, ଜାନୁୟାରୀ ୪ /୨୦୨୦, Dhenkanal, Saturday, January 4 / 2020

## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ କର୍ମଚାରୀଙ୍କଠାରୁ ଲୁଟ୍

ତାଳଚେର,୩।୧(ନି.ପ୍ର.): ତାଳଚେର ବ୍ଲକ ଗୋଡିବନ୍ଧ ଛକ ନିକଟରେ ଜଣେ ଯୁବକଙ୍କୁ ମାଡ ମାରି ୧୩ ହଜାର ଟଙ୍କା ଲୁଟ୍ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଫ୍ଲିପକାର୍ଟରେ କାମ କରୁଥିବା ସରାଙ୍ଗ ଗ୍ରାମର ଅଜୟ ଖୁଣ୍ଟିଆ ଗତକାଲି ସନ୍ଧ୍ୟା ପ୍ରାୟ ୬ଟା ବେଳେ ନିଜ ବାଇକ୍‌ରେ ତାଳଚେର ଅଭିମୁଖେ ଆସୁଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଗୋଡିବନ୍ଧ ବଜାର ନିକଟରେ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ୧୩ ହଜାର ୮ଶହ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ତାଳଚେର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପୂଜକଙ୍କ ପରଲୋକ

ବଅଁରପାଳ,୩।୧(ଡି.ଏନ.ଏ.)- ବଅଁରପାଳ ବ୍ଲକ ଗୋତମରା ଗ୍ରାମର ପଦ୍ମଚରଣ ଅମାନ୍ତ(୯୦)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରହ୍ମାୟଣୀଙ୍କ ପୂଜକ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




■ଶୀତ ବଢ଼ାଇଲା ଅଦିନିଆ ବର୍ଷା

# କାଲୁଆ ପବନରେ ଲୋକେ କଲବଲ

**ଅନୁଗୋଳ ଅଫିସ, ୩।୧**

ଅଦିନିଆ ବର୍ଷା ସାଙ୍ଗକୁ ଶୁକ୍ରବାର କାଲୁଆ ପବନ ଅନୁଗୋଳକୁ ଥରାଇ ଦେଇଛି। ଶୀତ ସହ ଦିନତମାମ୍ ବର୍ଷା ଲାଗି ରହିଥିବାରୁ ଲୋକେ ବାହାରକୁ ଯିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସକାଳୁ ଝିପି ଝିପି ଆରମ୍ଭ ହୋଇଥିବା ବର୍ଷା ପୂର୍ବାହ୍ନ ୧୦ଟା ପରେ ବଢ଼ିଯାଇଥିଲା। ଜିଲାର କିଶୋରନଗରରେ ଶୁକ୍ରବାର ପୂର୍ବାହ୍ନ ୮ଟା ସୁଦ୍ଧା ସର୍ବାଧିକ ୨୪.୮ ମିଲିମିଟର ବର୍ଷା ହୋଇଥିବା ଜିଲା ଆପାତକାଳୀନ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ତେବେ ଲଗାଣ ବର୍ଷା ଯୋଗୁ ଦିନତମାମ ଅନୁଗୋଳ ସହରର ରାସ୍ତାରେ କାଁ ଭାଁ ଲୋକେ ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବେସରକାରୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଧିକାଂଶ ଅଫିସରେ ବହୁ ଚେୟାର ଖାଲି ପଡ଼ିଥିବା ପରିଲକ୍ଷିତ ହୋଇଥିଲା। ଏପରି ପାଗ ଆଉ ଗୋଟିଏ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ପୌରପାଳିକା ପକ୍ଷରୁ ଖୋଲାଯାଇଥିବା ରାତି ଆଶ୍ରୟ ସ୍ଥଳରେ ବାସହୀନଙ୍କ ଭିଡ଼ ଦେଖିବାକୁ ମିଳିଛି।




ବର୍ଷା ବେଳେ ଜଣେ ବ୍ୟକ୍ତି କାନ୍ଧରେ ପିଲାଟିକୁ ବସାଇ ଛତାଧରି ଯାଉଛନ୍ତି।

## ମଦ ଜବତ, ୪ ଗିରଫ

**ଆଠମଲ୍ଲିକ,୩।୧(ଡି.ଏନ.ଏ.)**

ଆଠମଲ୍ଲିକ ଅବକାରୀ ଇନ୍ସପେକ୍ଟର ସୁମତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଠାକୁରଗଡ଼ ଥାନା କୁଲୁସିଙ୍ଗା ଗ୍ରାମର ପ୍ରଦୀପ ଭୋଇଙ୍କ ଠାରୁ ୨୦ ଲିଟର, ପ୍ରଫୁଲ୍ଲ ଭୋଇଙ୍କ ଠାରୁ ୧୦ ଲିଟର, ଗୋପୀନାଥପୁର ଗ୍ରାମର ଶୁକ ପଧାନଙ୍କଠାରୁ ୨୦ ଲିଟର, ପିତାବଳିବାହଳା ଗ୍ରାମର ମାନସ ଦେହୁରୀଙ୍କ ଠାରୁ ୧୦ ଲିଟର ଚୋରା ମଦ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗ ଉପନିରୀକ୍ଷକ ପ୍ରଫୁଲ୍ଲ ପତି, ଅରୁଣ କୁମାର ଚାଉଳିଆ, ହରିହର ପରିଡା, ମନୋଜ ବେହେରା, ଶମ୍ଭୁ ପ୍ରସାଦ ନାୟକ, ସଂଯୁକ୍ତା ସାହୁ ପ୍ରମୁଖ ସାମିଲ ଥିଲେ।

## ପ୍ରତିଭା ମହିଳା ମଣ୍ଡଳ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ




ଶୀତବସ୍ତ୍ର ପାଇଥିବା ବୃଦ୍ଧାବୃଦ୍ଧଙ୍କ ସହ ମହିଳା ମଣ୍ଡଳର ସଦସ୍ୟାମାନେ।

**ତାଳଚେର,୩।୧(ନି.ପ୍ର.)**

ତାଳଚେର ବ୍ଲକ କର୍ଣ୍ଣପୁର ଗ୍ରାମରେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ରର ପ୍ରତିଭା ମହିଳା ମଣ୍ଡଳ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ମଣ୍ଡଳ ସଭାପତି ଜ୍ୟୋତି ରେଡ୍ଡୀ, ସମ୍ପାଦିକା ଶିବା ମାଥ୍ୟୁ, ଅନୁ ରାୟ, ବନ୍ଦନା ରଥଙ୍କ ସମେତ ସମସ୍ତ ସଦସ୍ୟାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୫୦ ଅସହାୟ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ, ବିସ୍କୁଟ୍ ଆଦି ପ୍ରଦାନ କରାଯାଇଥିଲା। ମହିଳା ମଣ୍ଡଳର ଏତାଦୃଶ ଜନକଲ୍ୟାଣ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି।

## ଦୁଇ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବଇଣ୍ଡା,୩।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପର୍ଣ୍ଣମାଳର ସଂସ୍କୃତ ଶିକ୍ଷକ ନିଶାମଣି ଦାସ ଓ ଖେଳ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁଙ୍କୁ ଶୁକ୍ରବାର ପୁରାତନ ଛାତ୍ର ସଂସଦ, ମୋ ସ୍କୁଲ ଅଭିଯାନ କମିଟି ଓ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଶିକ୍ଷକ ସନତ କୁମାର ପ୍ରଧାନ, ରଜନୀକାନ୍ତ ଦେହୁରୀ, କୃଷ୍ଣଚନ୍ଦ୍ର ବେହେରା, ଲୋକନାଥ ବିଶ୍ୱାଳ, ବିଜୟ କୁମାର ପ୍ରଧାନ, ଚଣ୍ଡାଳ ସାହୁ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଗୁରୁଚରଣ ସେଠୀ, ପୁରାତନ ଛାତ୍ର ପବିତ୍ର ମାଝି, ରଞ୍ଜନ କୁମାର ସାହୁ, ଲୋକନାଥ ମହାପାତ୍ର ପ୍ରମୁଖ ଯୋଗଦେଇ ଦୁଇ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେମାନଙ୍କ ଶିକ୍ଷକତା ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ।

■ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ହତାଶ

# ବର୍ଷାରେ ଭିଜିଲା ଶହ ଶହ କୁଇଣ୍ଟାଲ ଧାନ

**ଅନୁଗୋଳ ଅଫିସ, ୩।୧**

ଅନୁଗୋଳରେ ଅଦିନିଆ ବର୍ଷା ଚାଷୀଙ୍କୁ ହତାଶ କରିଦେଇଛି। ବର୍ଷା କାରଣରୁ କେଉଁଠି ମଣ୍ଡି ବନ୍ଦ ରଖାଯାଇଥିବା ବେଳେ କେଉଁ ମଣ୍ଡିରେ କାମ କରୁଥିବା ମୂଲିଆ ଆସି ନ ଥିବାରୁ ଧାନ କିଣାଯାଇ ପାରିନାହିଁ। ଫଳରେ ଚାଷୀ ମଣ୍ଡିକୁ ବିକ୍ରି କରିବାକୁ ଆଣିଥିବା ଶହ ଶହ କୁଇଣ୍ଟାଲ ଧାନ ବର୍ଷାରେ ଓଦା ହୋଇଯାଇଛି। ତେବେ ଏପରି ଅବ୍ୟବସ୍ଥାକୁ ଯୋଗାଣ ବିଭାଗ ଦୈବ ଦୁର୍ବିପାକ ବୋଲି କହି ମୁଣ୍ଡରୁ ଦୋଷ ଖସାଇ ଦେଇଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଅନୁଗୋଳ ଜିଲାରେ ଧାନ ଫସଲ ଚଳିତବର୍ଷ ଭଲ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସିଏସ୍‌ଓ ବିଭାଗ ପକ୍ଷରୁ ଜିଲାରେ ୯୪ଟି ମଣ୍ଡି ଖୋଲାଯାଇଥିଲା। ଶୁକ୍ରବାର ୨୪ଟି ମଣ୍ଡିରେ ଧାନ କିଣା ଯିବାର ଯୋଜନା ରହିଥିଲା। ଏହି ମଣ୍ଡିଗୁଡ଼ିକରେ ଧାନ ବିକ୍ରି କରିବାକୁ ଚାଷୀମାନେ ଗୁରୁବାର ରାତିରୁ ଧାନ ଆଣି ଧାଡ଼ିରେ ଛିଡ଼ା ହୋଇଥିଲେ। କିନ୍ତୁ ବର୍ଷା କାରଣରୁ କିଛି ସ୍ଥାନରେ ଧାନ କିଣାରେ ବାଧା ଉପୁଜିଥିବା ବିଭାଗ ସ୍ୱୀକାର କରିଛି। ଆଉ କେତେକ ମଣ୍ଡିରେ କାର୍ଯ୍ୟ କରୁଥିବା ଲୋକମାନେ ନ ଆସିବାରୁ ସମସ୍ୟା ହୋଇଥିବା ବିଭାଗ କହିଛି। ଘଟଣା ସମ୍ପର୍କରେ ସିଏସ୍‌ଓ ଉମାଶଙ୍କର ପତି କହିଛନ୍ତି, କେତେ ଧାନ ପାଣିରେ ଭିଜିଛି ତାହାର ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇପାରିବ। ତେବେ ଧାନ କେତେ ପରିମାଣରେ ବର୍ଷାରେ ଭିଜିଛି ତାହା ମଣ୍ଡିରେ ଦେଖି କିଣାଯିବ। ନଚେତ ଚାଷୀମାନେ ଏହାକୁ ପୁଣି ଶୁଖାଇ କରି ମଣ୍ଡିକୁ ବିକ୍ରି ପାଇଁ ଆଣିବେ। ଶୁକ୍ରବାର ଯେଉଁ ଚାଷୀମାନେ ଟୋକନ୍ ପାଇ ଧାନ ବିକ୍ରି କରିପାରିନାହାନ୍ତି, ସେମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ପତି ପ୍ରକାଶ କରିଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ